ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 20-06-2025

ଗଜପତି(ଓଡିଶା) - :2025-06-20 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-06-21 | 2025-06-22 | 2025-06-23 | 2025-06-24 | 2025-06-25 |
|---|---|---|---|---|---|
| ବର୍ଷା (ମିମି) | 8.0 | 3.0 | 5.0 | 3.0 | 6.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 34.0 | 35.0 | 35.0 | 35.0 | 34.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 25.0 | 26.0 | 27.0 | 27.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 92 | 91 | 89 | 89 | 90 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 70 | 65 | 59 | 64 | 74 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 5 | 7 | 9 | 8 |
| ପବନର ଦିଗ (ଡିଗ୍ରୀ) | 254 | 266 | 360 | 263 | 257 |
| ମେଘାଚ୍ଛନ (ଅକ୍ଟା) | 5 | 4 | 5 | 4 | 4 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବା ସହିତ ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୫.୦ ରୁ ୦୯.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪.୦° ସେଲସିୟସ ରୁ ୩୫.୦° ସେଲସିୟସ ଏବଂ ୨୪.୦° ସେଲସିୟସ ରୁ ୨୭.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୯ ରୁ ୯୨ ଶତକଡା ଏବଂ ୫୯ ରୁ ୭୪ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା କିମ୍ବା ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ।

**ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:**

| |
|---|
| କୌଣସି ପ୍ରଭାବ ନାହିଁ । |

**ସାଧାରଣ ଉପଦେଶ:**

| |
|---|
| ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୪.୩° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୧° ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୩୩.୧ ମିଲିମିଟର ବର୍ଷା ହୋଇଅଛି । ଏକ ଏକର ଧାନ ଚାଷ ପାଇଁ ୪୦୦ବର୍ଗମିଟର ବା ୧୦ ଡେସିମିଲ ତଳିଘରା ଆବଶ୍ୟକ ହୋଇଥାଏ । ଧାନ ବୁଣିବାପୂର୍ବରୁ ୧କିଲୋଗ୍ରାମ ବିହନରେ ୧୦ଗ୍ରାମ ଟ୍ରାଇକୋଡର୍ମା କିମ୍ବା ୩ଗ୍ରାମ କାପଟାନ କିମ୍ବା ୩ଗ୍ରାମ ଥିରାମ ମିଶାଇ ବିହନ ବିଶୋଧନ କରନ୍ତୁ । ମରୁଡ଼ିରୁ ରକ୍ଷାପାଇବା ପାଇଁ ଉଚ୍ଚଜମିରେ ଅଣଧାନ ଫସଲ ଚାଷ କରନ୍ତୁ । ଶସ୍ୟଜାତୀୟ ଫସଲ ସହ ଡାଲି କିମ୍ବା ତୈଳବୀଜ ଜାତୀୟ ଫସଲକୁ ଅନ୍ତଃଚାଷ କରନ୍ତୁ । ଯଥାସମ୍ଭବ ବିହନ ବୁଣି ଅଗଷ୍ଟ ମଧ୍ୟଭାଗ ସୁଦ୍ଧା ଧାନ ରୋପଣ କାର୍ଯ୍ୟ ଶେଷ କରନ୍ତୁ । ମଧ୍ୟମ ଜମିରେ ମଧ୍ୟମ ଅବଧି ଧାନ କିସମ ଲଗାନ୍ତୁ । ଧାନକୁ ଧାଡିରେ ବୁଣନ୍ତୁ ଏବଂ ଶୀଘ୍ର ବେଉଷଣ କରନ୍ତୁ ଏବଂ ଘାସ ବାଛନ୍ତୁ । ଏହାଦ୍ୱାରା ରୋପଣ ପାଇଁ ଆବଶ୍ୟକ ବୃଷ୍ଟିପାତରୁ କମ ବୃଷ୍ଟିପାତ ଦରକାର ଏବଂ ଏହାଦ୍ୱାରା ବିଳମ୍ବରେ ଲଗାଇଲା ବେଳେ ଅଧିକ ବୟସର ତଳି ହୋଇଯିବାର ସମ୍ଭାବନାକୁ ମଧ ଏଡାଯାଇପାରିବ । |

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

| |
|---|
| ଅଣଧାନ ଫସଲରୁ ଅତ୍ୟଧିକ ଜଳ ନିଷ୍କାସନ କରନ୍ତୁ, ଜଳ ନିଷ୍କାସନ ପାଇଁ ନାଳି ପ୍ରସ୍ତୁତ କରନ୍ତୁ ଏବଂ ନାଳି ମୁହଁକୁ ଖୋଲା ରଖନ୍ତୁ। |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | କାଦୁଅ ତଳିଘରା ପାଇଁ ନିର୍ବାଚିତ ଜମିକୁ ୩-୪ଓଡ ଚାଷ କରି ୨ରୁ ୩ ଦିନ ପର୍ଯ୍ୟନ୍ତ ପାଣି ଭର୍ତି କରି ରଖନ୍ତୁ । ଏହା ପରେ ତଳିଘରା କୁ ଭଲଭାବରେ କାଦୁଅ କରି ମଇ ଦେଇ ସମତୁଲ କରି ଦିଅନ୍ତୁ । ଶେଷ ଓଡ ଚାଷ ବେଳକୁ ୨୦୦କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪କିଲୋଗ୍ରାମ DAP, ୪କିଲୋଗ୍ରାମ ପଟାସ ସାର ଏହି ସମୟରେ ପ୍ରୟୋଗ କରନ୍ତୁ । ତଳିଘରା କୁ ୧.୫ ମିଟର ଓସାର ୧୦ସେ.ମି ଉଚ୍ଚତା ଏବଂ ସବୁଧା ଅନୁସାରେ ଲମ୍ବ ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ୩୦ସେ.ମି ଚଉଡା ନାଳି, ଜଳସେଚନ ପାଇଁ ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ସେ.ମି ବ୍ୟବଧାନରେ ବୁଣନ୍ତୁ ଓ ଶୁଖିଲା ଗୋବର ଖତ କୁ ଛିଞ୍ଚ ଘୋଡାଇ ଦିଅନ୍ତୁ । ତଳିଘରା କୁ ଓଦା ରଖନ୍ତୁ ଏବଂ ଠିଆ ପାଣି କିପରି ନ ରହିବ ସେହିପରି ଯତ୍ନ ନିଅନ୍ତୁ। |
| ବାଦାମ | ଚିନାବାଦାମ ର ଉପଯୁକ୍ତ କିସମ ଯଥାଦେବୀ ( ଆଇ.ସି.ଜି.ଭି-୯୧୧୧୪) Devi (ICGV-91114), କାଦ୍ରି-୬ (Kadri-6), କାଦ୍ରି-୯ (Kadri-9),ଟି.ଜି-୩୭ଏ (TG-37A),ଟିଏଜି-୫୧ (TAG-51), ଟିଏଜି-୩୮ ( TAG-38), ଟିଏଜି-୨୪ (TAG-24), ସ୍ମୃତି, ସିଓ-୭ (CO-7), ଧରଣୀ (Dharani)ଆଦି ଚୟନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବ ରୁ ବିଶୋଧିତବିହନ କୁ ରାଇଜୋବିୟମ ବୀଜାଣୁ କଲଚର ଉପଚାର କରି ବୁଣନ୍ତୁ। |
| ମକା | ଫଲ୍ଆର୍ମି ୱାର୍ମନାମକ କୀଟର ପରିଚାଳନା ପାଇଁ ବିହନକୁ ବୁଣିବା ଆଗରୁ ଏକ କେଜି ବିହନରେ ୪-ମିଲି Cyantraniliprole ୧୯.୮ %+ Thiamethoxam ୧୯.୮ % FS କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ । |
| ମସୁର / ହରଡ଼ | ବିହନକୁ ବୁଣିବା ଆଗରୁ ଏକ କେଜି ହରଡ ବିହନରେ୨-ଗ୍ରାମ Carbendazim କିମ୍ବା ୩- ଗ୍ରାମ Carboxin ଓ Thiram ର ମିଳିତ ଔଷଧ ଯାହାକି Vitavax power ବା Vaccinator power ନାମରେ ମିଳୁଛି ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ ହରଡକୁ ରାଇଜୋବିଅମ ବୀଜାଣୁ କଲଚର ୨୦- ଗ୍ରାମ ନେଇ ଏକ କିଲୋଗ୍ରାମ ବିହନରେ ଘୋଳାଇ ଉପଚାର କରନ୍ତୁ। |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ତଳିଘେରାରେ ଘରାକଟା ରୋଗ ହୋଇ ତଳି ମରିବା ଦେଖାଦେଲେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗ ଦେଖି ୧୦-ଲିଟର ପାଣିରେ୨୦-ଗ୍ରାମ ମେଟାଲାଗଜିଲ (Metalaxyl) ଓ ମାଙ୍କୋଜେବ (Mancozeb)ର ମିଳିତ ଫିମ୍ପିନାଶକ, ମିଶାଇ ଏହି ଦ୍ରବଣ କୁ ଝରା ଦ୍ୱାରା ମାଟି କୁ ଭିଜାନ୍ତୁ।ତଳିଉପାଡିବାରପୂର୍ବ ଦିନ ସନ୍ଧ୍ୟାସମୟରେ ୧୦-ଲିଟର ପାଣିରେ ୧୦-ଗ୍ରାମ ଟ୍ରାଇକୋଡର୍ମା ଭିରିଡି (Trichoderma viride 1% WP) or ଟ୍ରାଇକୋଡର୍ମା ହାର୍ଜିଆନମ୍ (Trichoderma harzianum 1% WP) ମିଶାଇ, ଏହି ଦ୍ରବଣ କୁ ଝରା ସାହାର୍ଯ୍ୟ ରେ ସ୍ପ୍ରେ କରି ମାଟି କୁ ଭଲ ଭାବରେ ଭିଜାନ୍ତୁ। |
| ଭେଣ୍ଡୀ | ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି 70 କିଲୋଗ୍ରାମ DAP, 11 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ 12 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି 45 ସେମି ଏବଂ ଗଛ କୁ ଗଛ 30 ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ। ଶଙ୍କର ବିହନ ପାଇଁ ଏକର ପ୍ରତି ୫7 କିଲୋଗ୍ରାମ DAP, 13 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ2୫ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି60 ସେମି ଏବଂ ଗଛ କୁ ଗଛ 45 ସେମି ବ୍ୟବଧାନରେ ରେ ମଞ୍ଜି ବୁଣନ୍ତୁ । |
| ଝୋଟନି ଲୋ୍ୃଠି | ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି 400 gm Carbendazim ଓ Mancozebର ମିଳିତ ଔଷଧ କୁ 200 ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ। |
| ଲଙ୍କା | ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି 400 gm Carbendazim ଓ Mancozebର ମିଳିତ ଔଷଧ କୁ 200 ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ। |
| କଦଳୀ | କଦଳୀ ଗଛରେ ଘୁଣିପୋକ ବା ଶୁଣ୍ଢା ପୋକର ପରିଚାଳନାପାଇଁକଦଳୀ ବଗିଚାରେ ଏକର ପ୍ରତି ୧୦ଟି Cosmolure ଥିବା ସଂଗଆକର୍ଷକ ଯନ୍ତା ବସାନ୍ତୁ । ଗଛ ଲଗାଇବା ବେଳକୁକନ୍ଦାଗୁଡିକୁଉଷୁମ ପାଣିରେ ବୁଡାଇ (୩୦ମିନିଟ) ତା' ପରେ ଲଗାନ୍ତୁ । ଗାତ ଗୁଡିକରେ ୨୫୦ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ଗ୍ରାମ ଯେକୌଣସିଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣରୁରକ୍ଷା ପାଇବା ପାଇଁଆକ୍ରାନ୍ତ ଗଛକୁକାଟିଟିକିଟିକିକରିଖରାରେ ଶୁଖାଇଦିଅନ୍ତୁ । କଦଳୀ ବଗିଚା ସଫାସୁତୁରା ରଖନ୍ତୁ । ବର୍ଷା ପରେ ଗଛ ପ୍ରତି ୨ମିଲି Imidacloprid ୩୦SL Injection କଣା ଉପରୁ ୧୦ସେମି ଛାଡି ତେର୍ଛାରେ ଗଛର କାଣ୍ଡରେ ଦିଅନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଗାଈଗୋରୁଙ୍କ ଠାରେ ତୁଣ୍ଡ ବା ପାଟିଘା ସାଧାରଣତଃ ବ୍ୟାକ୍ଟେରିଆ, ଭାଇରସ ଜନିତ ସଂକ୍ରମଣ ଓ ଭିଟାମିନ ଅଭାବରୁ ହୋଇଥାଏ । ଏହା ବ୍ୟତୀତ ଅଧିକଟାଆଁସାଘାସବାନଡା ଚୋବାଇବାରୁ କିମ୍ବା କିଛି ଅସ୍ୱାଭାବିକ ବସ୍ତୁ ଖାଇବା ଦ୍ବାରା ଏହି ରୋଗ ହୋଇଥାଏ । ପ୍ରାଥମିକ ଚିକିତ୍ସା ଭାବରେ ଗାଈଗାରୁଙ୍କ ପାଟି ଭିତର ପରୀକ୍ଷା କରନ୍ତୁ । ପାଟିରେ କିଛି ଅସ୍ୱାଭାବିକ ବସ୍ତୁ ଲାଗିଥିଲେ ବାହାର କରି ଦିଅନ୍ତୁ । ପାଟିକୁ ଖାଇବା ସୋଡା କିମ୍ବା ପଟାସ ପରମାଙ୍ଗାନେଟ ଜଳରେ ଧୋଇ ଦିଅନ୍ତୁ। ଏହାପରେ ଘା ଜାଗାରେ ବୋରୋ ଗ୍ଲିସେରିନ ଲଗାଇ ଦିଅନ୍ତୁ । ସୁଷମଖାଦ୍ୟ ଓ ଭଲ ପାନୀୟଜଳ ଯୋଗାଇ ଦିଅନ୍ତୁ । |
| ଛେଳି | ଟିଙ୍କ ଉକୁଣିମାନେ ଛେଳି ମେଣ୍ଢାମାନଙ୍କର ଶରୀରର ଲୋମ ତଳେ ବାସ କରି ସେମାନଙ୍କର ରକ୍ତ ଶୋଷଣ କରିଥାନ୍ତି, ଫଳରେ ପ୍ରାଣୀଟି ରକ୍ତାହୀନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ବରଣ କରିଥାଏ । ଏହି ବାହ୍ୟ ପରଜୀବୀଗୁଡ଼ିକ ଛେଳି ମେଣ୍ଢାମାନଙ୍କର ଚର୍ମକୁ କାମୁଡ଼ିବା ଦ୍ବାରା ଶରୀର କୁଣ୍ଡାଇ ହୁଏ ଓ ଘା ସୃଷ୍ଟି ହୋଇଥାଏ । ଏମାନଙ୍କୁ ନିର୍ମୂଳକରିବା ପାଇଁ ମାଲାଥିଅନ, ସାଇପରମେଥ୍ରୀନ, ଡେଲ୍ଟାମେଥ୍ରୀନ ପରି ଔଷଧ 1 ମି.ଲି. 1 ଲିଟର ପାଣିରେ ମିଶାଇ ପ୍ରାଣୀ ମାନଙ୍କର ଶରୀର ତଥା ଗୁହାଳରେ ସ୍ପ୍ରେ କରାଯାଇଥାଏ । ଏକ ସମୟରେ ସବୁ ପ୍ରାଣୀ ତଥା ଗୁହାଳକୁ ଟିଙ୍କ ଉକୁଣି ମୁକ୍ତ କରିବାକୁ ପଡିବ । ଭଲ ପାଗରେ ତଥା ଖାଦ୍ୟ ପାନୀୟ ଦେଇସାରିବା ପରେ ଏହି ଔଷଧ ପ୍ରୋୟୋଗ କରାଯିବା ଉଚିତ । ଯଦି କୌଣସି ପାର୍ଶ୍ବ ପ୍ରତିକ୍ରିୟା ଦେଖାଯାଏ, ତେବେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା କିମ୍ବା ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| କୌଣସି ପ୍ରଭାବ ନାହିଁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**